ଜର୍ମାନୀ ପର ଅଞ୍ଚଳ ଫେରିପାଇଲା
ଜର୍ମାନୀକୁ ଅର୍ପିବା ପାଇଁ ଅଧିକ ସଂଖ୍ୟକ ଭୋଟ ଦେଲେ
ପୃଥିବୀ ପଞ୍ଚାୟତ ଓ ଫ୍ରାନ୍ସ ଫତୁଆ ହୋଇଗଲେ

ଲଣ୍ଡନ ତା ୧୪।୧।୩୫

ଜର୍ମାନୀ ଏବଂ ଫ୍ରାନ୍ସ ସୀମାନ୍ତରେ ଥିବା ସାର ଅଞ୍ଚଳ ୭୨୭ ବର୍ଗମାଇଲ । ଏଥିରେ ଅନେକ ବଡ଼ ବଡ଼ କୋଇଲା ଖଣି । ଏହା ଆଗେ ଜେର୍ମେନିର ଏକ ପ୍ରଦେଶର ଅନ୍ତର୍ଭୁକ୍ତ ଥିଲା । ଗତ ଜର୍ମାନୀ ଯୁଦ୍ଧ ପରେ ଭରସେଲସ ସନ୍ଧି ସର୍ତ୍ତ ଅନୁସାରେ ଏହା ପୃଥିବୀ ପଞ୍ଚାୟତ ଅଧୀନରେ ରହିଥିଲା । ଫ୍ରାନ୍ସ ଗତ ୧୫ ବର୍ଷ ହେଲା ଏଠାର କୋଇଲା ଖଣି ସବୁରୁ କୋଇଲା ନେଇ କ୍ଷତିପୂରଣ କରିବାରେ ଲାଗିଥିଲା ।

ସେଠାରେ ଶାସନ ନେଇ ମଧ୍ୟେ ମଧ୍ୟେ ଗଣ୍ଡଗୋଳ ଘଟିବାରୁ ସେ ଅଞ୍ଚଳର ଶାସନ କୌଣସି ଗୋଟାଏ ରାଜ୍ୟର ଅଧୀନରେ ରଖାଯିବାର ପ୍ରସ୍ତାବ ଉଠିଲା । ପୃଥିବୀ ପଞ୍ଚାୟତ ଏ ସବୁ ଅନୁସନ୍ଧାନ କରି ଉପଯୁକ୍ତ ଦେବାପାଇଁ ଗୋଟାଏ କମିଟି ବସାଇଥିଲେ । କମିଟି ଫ୍ରାନ୍ସ ଏବଂ ଜର୍ମାନୀର କଥା ବିଷୟରେ ଅନୁସନ୍ଧାନ କରି ଉପଯୁକ୍ତ ହେବା ସକାଶେ ଲୋକ ସାଧାରଣଙ୍କ ଭୋଟ ଅଧିକାର ସ୍ଥିର କରିଗଲେ ଏବଂ ଏ ଭୋଟ ନେବାର ପରିକଳ୍ପନା କରିବା ପାଇଁ କମିଟି ନିଯୁକ୍ତ କରି ଦିଆଗଲା ।

ବର୍ତ୍ତମାନ ଭୋଟ ନେବା ଶେଷ ହୋଇଗଲା । ସାର ଅଞ୍ଚଳର ଅଧିବାସୀମାନେ ଜର୍ମାନୀ ସଙ୍ଗେ ପୁଣି ମିଶିବା ପାଇଁ ଅଧିକ ସଂଖ୍ୟାରେ ଭୋଟ ଦେଇଛନ୍ତି । ଫ୍ରାନ୍ସ ସପକ୍ଷରେ ଅତି ଅଳ୍ପ ସଂଖ୍ୟକ ଲୋକେ ଭୋଟ ଦେଲେ ଏବଂ ପୃଥିବୀ ପଞ୍ଚାୟତ ପକ୍ଷରେ ଅଳ୍ପ ଲୋକେ ଭୋଟ ଦେଲେ ।

ମୋଟ ଯେତେ ଲୋକ ଭୋଟ ଦେଇଛନ୍ତି ସେଥିରୁ ଜର୍ମାନୀ ସଙ୍ଗେ ମିଶିବା ସପକ୍ଷରେ ୪ଲକ୍ଷ ୭୭ହଜାର ୮୯ଜଣ ଭୋଟ ଦେଇଛନ୍ତି । ଏହାର ଅଧିକ ସଂଖ୍ୟକ ଭୋଟ ଦେଖି ସମସ୍ତେ ଚମକି ପଡ଼ିଛନ୍ତି ।

ପୃଥିବୀ ପଞ୍ଚାୟତ ଅଧୀନରେ ରହିବା ସପକ୍ଷରେ ୪୬ହଜାର ୬୧୩ ଜଣ ଭୋଟ ଦେଇଛନ୍ତି ।

ଫ୍ରାନ୍ସ ଅଧୀନରେ ରହିବା ପାଇଁ ମୋଟ ୨୦୮୩ ଜଣ ଭୋଟ ଦେଇଛନ୍ତି ।

ଗତ ୧୫ ବର୍ଷକାଳ ସାର ଅଞ୍ଚଳ ପୃଥିବୀ ପଞ୍ଚାୟତର ଶାସନରେ ରହି ବର୍ତ୍ତମାନ ପୁଣି ଜର୍ମାନୀ ସଙ୍ଗେ ମିଶିବ । ନାଜିଦଳର ଜୟ ଦେଖି ସମସ୍ତେ ଅବାକାବା ହୋଇ ଯାଇଛନ୍ତି । ନାଜୀମାନଙ୍କର ପ୍ରଚାର ସବୁ ସଫଳ ହୋଇଥିବାରୁ ସ୍ୱଦେଶରେ ଘୋର ଚହଳ ପଡ଼ିଯାଇଛି ।

ଗତକାଲି ୧୭ ଜଣ ସନ୍ନ୍ୟାସୀ ଭୋଟ ଦେବାକୁ ଯାଇଥିଲେ । ଭୋଟଦେବା କେନ୍ଦ୍ରମାନଙ୍କରେ କୌଣସି ପ୍ରକାର ଗଣ୍ଡଗୋଳ ଦୁର୍ଘଟଣା ମଧ୍ୟ ଘଟି ନାହିଁ ।

ପୃଥିବୀ ପଞ୍ଚାୟତ ଏ ଭୋଟ ସମ୍ବନ୍ଧରେ ବିରାଟ ଆୟୋଜନ କରିଥିଲେ । ଇଟାଲୀ, ଇଂଲଣ୍ଡ, ସୁଇଜରଲଣ୍ଡ ପ୍ରଭୃତିରୁ ସୈନ୍ୟ ଆଣି କେନ୍ଦ୍ରମାନଙ୍କରେ ଜଗୁଆଳ ରଖି ଦେଇଥିଲେ ।

ନାଜୀଦଳ ବର୍ତ୍ତମାନ ଏ ଜୟ ଲାଭରେ ମାତି ଯାଇଛନ୍ତି ଏବଂ ଜର୍ମାନୀର ସ୍ୱଦେଶରେ ବଡ଼ ଉତ୍ସବ ହେବ ବୋଲି ଆୟୋଜନ ଚାଲିଛି । କାଲେ ହିଟଲର ସ୍ୱଦେଶରେ ବୁଲି ସେମାନଙ୍କର ଜୟଗାନ କରିବାର ବ୍ୟବସ୍ଥା ହୋଇଛି ।

---

୬ ବର୍ଷରେ ଭାରତ ଖସିଯିବ
ସାର ଓ'ଡାୟାରଙ୍କ ଭାବଲେଣି

ଲଣ୍ଡନ, ତା ୧୪।୧।୩୫

କେତେକ ଜାଗାରେ ଭାରତ ରକ୍ଷା ସଂଘର ଗୋଟିଏ ସଭାରେ ବକ୍ତୃତା ଦେଇ ପଞ୍ଜାବର ଭୂତପୂର୍ବ ଲାଟ ସାର ମାଇକେଲ ଓ'ଡାୟାର କହିଛନ୍ତି —

"ପାର୍ଲିମେଣ୍ଟରେ ଜଏଣ୍ଟ କମିଟି ରିପୋର୍ଟ ଉପସ୍ଥିତ କଲେ ମିଷ୍ଟର ବାଲଡ଼ଇନ କହିଲେ ଯେ ଏ ସବୁ ପ୍ରସ୍ତାବ ଗ୍ରହଣ ନ କଲେ ଆମେ ଦୁଇଟି ଦଳର ଭିତରେ ଭାରତକୁ ହରାଇ ବସିବା । ମାତ୍ର ମୁଁ କହୁଛି ଆମେ ଯଦି ଏ ପ୍ରସ୍ତାବ ଗ୍ରହଣ କରିନେବା ତେବେ ୬ ବର୍ଷ ଭିତରେ ଭାରତ ଆମ ହାତରୁ ଖସିଯିବ ।"

ମଫସଲରେ ଡକାଇତି
ଶତାଧିକ ଡକାଇତ ଘେରିଗଲେ

ଜାଜପୁର ତା ୧୪।୧।୩୫

ନବାବଗଞ୍ଜ ଥାନାର କାଲିଅର ଗ୍ରାମରେ ଗୁରୁତର ଡକାଇତି ହୋଇଯାଇଛି । ଶତାଧିକ ସଶସ୍ତ୍ର ଡକାଇତ ଅକ୍ଷୟ ଧର କୃଷ୍ଣକୁମାର ବସୁ ଏବଂ ରାମନାଥ ଶର୍ମାଙ୍କ ଘର ଲୁଟି କରିଛନ୍ତି । ଏମାନଙ୍କ ଘରେ ... ପଡ଼ିଲେ ମାତ୍ର ମାରି ଟଙ୍କା ପଇସା ଓ ଗହଣାପତ୍ର ସବୁ ନେଇ ... ସବୁ ନେଇଯାଇଛନ୍ତି । ପୁଲିସ ଖବର ପାଇ ଦଳେ ସଙ୍ଗୀନ ପୁଲିସ ସାଙ୍ଗରେ ଘଟଣା ସ୍ଥଳରେ ପହଞ୍ଚି ଧରାଧର ଚଳାଇଛନ୍ତି ।

ନୂଆ ଉଡ଼ାଜାହାଜ ଷ୍ଟେସନ
ଲକ୍ଷେ ଟଙ୍କା ଖର୍ଚ୍ଚ ହୋଇ ତିଆରି ହେବ

ଲକ୍ଷ୍ନୌ, ତା ୧୫।୧।୩୫

ଦେଶୀୟ ରାଜ୍ୟ ରାମପୁର ନବାବଙ୍କ ନିଜ ରାଜ୍ୟରେ ନୂଆ ଉଡ଼ାଜାହାଜ ଷ୍ଟେସନ ତିଆରି କରାଇବାପାଇଁ ଏବଂ ସେଠା ଉଡ଼ାଜାହାଜ ରଖିବା ପାଇଁ ସ୍ଥାନ କରିବାପାଇଁ ଏକ ଲକ୍ଷ ଟଙ୍କା ଖର୍ଚ୍ଚ ମଞ୍ଜୁର କରିଥିବାର ଖବର ମିଳିଛି ।

ପୁରୁଷୋତ୍ତମପୁର ସମ୍ବାଦ
ହରିଜନଛାତ୍ରମାନଙ୍କର ଆତଙ୍କ

ପୁରୁଷୋତ୍ତମପୁର, ତା ୧୪।୧।୩୫

୧୯୩୪ରେ ଏଠା ମାଇନର ସ୍କୁଲରୁ ୨ ଜଣ ହରିଜନ ଛାତ୍ର ମାଇନର ପାସ କରିଅଛନ୍ତି । ଏମାନଙ୍କ ଆବେଦନ ଓ ଆବେଦନ ଫଳରେ ଯାଜପୁର ହରିଜନ ସେବକ ସଂଘର ସମ୍ପାଦକ ମହାଶୟ ମାସିକ ଟ ୪୯ ହିସାବରେ ପ୍ରତ୍ୟେକଙ୍କୁ ବୃତ୍ତି ଦେବା କମନ୍ତେ ପତ୍ର ଲେଖିଥିଲେ । ଅଧିକନ୍ତୁ ମଧ୍ୟ ସମ୍ପାଦକ ମହାଶୟ ... ଏଠାରେ ଉପସ୍ଥିତ ହୋଇ ... ଅପର ପ୍ରାଇମେରୀ ପାସ କରିଥିବା ଗୋଟିଏ ଛାତ୍ରକୁ ମାସିକ ଟ ୨। ବୃତ୍ତିରେ ଏଠା ମାଇନର ସ୍କୁଲରେ ନାମ ଲେଖାଇବାର ବନ୍ଦୋବସ୍ତ କରି ଏବେ ... ବର୍ତ୍ତମାନ ଟଙ୍କା ପଇସାର ବଡ଼ ଅଭାବ, ... ପଢ଼ିବା କରିବ ନାହିଁ । ସମ୍ପାଦକ ମହାଶୟଙ୍କ ଏ ... ବ୍ୟବସ୍ଥା ? ଉତ୍କଳ ହରିଜନ ସେବକ ସଂଘର ଶ୍ରୀଯୁକ୍ତ ସମ୍ପାଦକ ମହାଶୟଙ୍କ ଏଥିପ୍ରତି ଦୃଷ୍ଟି ଆକର୍ଷଣ କରୁଁ ।

ସଦାବ୍ରତ ମଠରେ ଅନ୍ଧାରୀ ରାଜତ୍ୱ

ଏହି ମଠ ସମ୍ବନ୍ଧେ ବାରମ୍ବାର ସମ୍ବାଦପତ୍ରମାନଙ୍କରେ ବହୁତ ଆନ୍ଦୋଳନ ହେଲାଣି । ବର୍ତ୍ତମାନ ମଠ ପରିଚାଳକ କମିଟି ମେମ୍ବରମାନଙ୍କ ମଧ୍ୟରେ ସ୍ୱାର୍ଥ ନେଇ ମତ ବିରୋଧ ଘଟି ମଠର ସମ୍ପତ୍ତି ନଷ୍ଟ ହେଉଅଛି । ଅଧିକନ୍ତୁ ମଧ୍ୟ ମଠର ଦେବୋତ୍ତର ଜମିମାନ ପଟ୍ଟା ଦିଆଯାଇ ସାଲାମୀ ... ଓ ... ଅଦାୟ ... ଅଛି । ଆୟ ବ୍ୟୟ ହିସାବରେ ସାଧାରଣଙ୍କ ବିଶେଷ ସନ୍ଦେହ ହେଉଅଛି । ଅତିଥି ଅଭ୍ୟାଗତଙ୍କ ଅବସ୍ଥା କହିଲେ ନ ସରେ । ସାଧାରଣଙ୍କ ସନ୍ଦେହ ଦୂର କରିବାକୁ ଆୟ ବ୍ୟୟର ହିସାବ ଅଡ଼ିଟ ହେବା ଆବଶ୍ୟକ । ଆଜି ଯାଏ ଏ ପର୍ଯ୍ୟନ୍ତ କୌଣସି ପ୍ରତିକାରର ବନ୍ଦୋବସ୍ତ ହୋଇନାହିଁ । ଶୀଘ୍ର ଏଥିର କୌଣସି ପ୍ରତିକାର ନ କଲେ ବହୁକାଳର ହିନ୍ଦୁ କୀର୍ତ୍ତି ଧ୍ୱଂସ ହେବା ସୁନିଶ୍ଚିତ ।

ଓଡ଼ିଶାରେ ନିର୍ବାଚନୀ ମକଦ୍ଦମା
ସୀତାକାନ୍ତ ମହାପାତ୍ର ମୋକଦ୍ଦମା ଦାଏର କରିଛନ୍ତି

କଟକ ୧୪।୧।୩୫

ଖୁର୍ଦ୍ଦାର ବାବୁ ସୀତାକାନ୍ତ ମହାପାତ୍ର ବଜାରେ ଟଙ୍କା ଭରାଇ ପଣ୍ଡିତ ... ଦାସ ଏବଂ ବାବୁ ଭୁବନାନନ୍ଦ ଦାସଙ୍କ ବିରୁଦ୍ଧରେ ସେ ଦୁହିଁଙ୍କ ବଡ଼ଲାଟ ସଭା ନିର୍ବାଚନ ରଦ୍ଦ କରିବା ପାଇଁ ମୋକଦ୍ଦମା ଦାଏର କରିଛନ୍ତି । ଏ ଦୁହିଁଙ୍କ ନିର୍ବାଚନ ହିସାବରେ କେତେକ ଗଳତି ଥିବାର ଏବଂ ଏମାନଙ୍କର ଜଣେ ନିର୍ବାଚକ ଏଜେଣ୍ଟ ସୀତାକାନ୍ତ ବାବୁଙ୍କ ପ୍ରତି ମାନହାନି ସୂଚକ ଭାଷା ପ୍ରୟୋଗ କରିଥିବା ଇତ୍ୟାଦି କେତେ ଗୁଡ଼ିଏ ଅଭିଯୋଗ ହୋଇଅଛି ।

ଫାଶୀ ଆସାମୀଙ୍କୁ ସୁବିଧା
ଫଳ ଓ ଜମାଟ ମିଳିବ ?

ମାନ୍ଦ୍ରାଜ, ତା ୧୪।୧।୩୫

ଯେଉଁ ଆସାମୀମାନେ ପ୍ରାଣଦଣ୍ଡ ଆଦେଶ ପାଇ ଫାଶୀ ହୋଇ ରହିଛନ୍ତି ସେମାନଙ୍କୁ ଜେଲ ଭିତରେ ଫଳ ଏବଂ ମେଣ୍ଟ ଦିଆଯାଉ ବୋଲି ମାନ୍ଦ୍ରାଜ ଜେଲର ବେ-ସରକାରୀ ପରିଦର୍ଶକମାନେ ମାନ୍ଦ୍ରାଜ ସରକାରଙ୍କ ଆଇନମନ୍ତ୍ରୀଙ୍କ ଠାରେ ଯାଇ ପ୍ରସ୍ତାବ କରିଛନ୍ତି ବୋଲି ପ୍ରକାଶ ।

କଂଗ୍ରେସ ନେତା ଗିଡୁଓ୍ୱାନୀଙ୍କ ପରଲୋକ
ସିନ୍ଧ ପ୍ରଦେଶର ଘୋର କ୍ଷତି

କରାଚୀ, ତା ୧୪।୧।୩୫

ସିନ୍ଧ ପ୍ରଦେଶର ମୁଖିଆ କଂଗ୍ରେସ ନେତା ଅଗ୍ରଣୀ ଗିଡୁଓ୍ୱାନୀଙ୍କର ପରଲୋକ ହୋଇଥିଲା । ଏ ସମ୍ବାଦ ସହରଯାକେ ବ୍ୟାପିଗଲା ମାତ୍ରେ ସହରର ସବୁଅଞ୍ଚଳ କଂଗ୍ରେସ ଲୋକେ ଆସି ତାଙ୍କ ଘରଠାରେ ଶେଷ ସମ୍ମାନ ଜଣାଇବା ପାଇଁ ଜମା ହୋଇଗଲେ । ଗିଡୁଓ୍ୱାନୀଙ୍କର ଶବକୁ ଏକ ବିରାଟ ଶୋଭାଯାତ୍ରାରେ ଶ୍ମଶାନକୁ ନିଆଗଲା । ଡାକ୍ତର ଚୈଥରାମ ଏବଂ ସ୍ୱାମୀ କୃଷ୍ଣାନନ୍ଦ ଅଗ୍ରଣୀ ଗିଡୁଓ୍ୱାନୀଙ୍କ ଦେଶସେବା ବିଷୟରେ ବକ୍ତୃତା ଦେଲେ । ତାଙ୍କ ପରଲୋକରେ ସ୍ଥାନର ଶୋକସ୍ୱରୂପ ଅନେକ ଜାଗାର ସବୁ ବଜାର ଦୋକାନ ବନ୍ଦ ହୋଇ ଯାଇଥିଲା ।

ଶ୍ରୀଯୁକ୍ତ ଶ୍ରୀନିବାସ ଶାସ୍ତ୍ରୀ
ବମ୍ବେରେ ପହଞ୍ଚିଲେ

ବମ୍ବେ ତା ୧୪।୧।୩୫

ମାନ୍ୟ ନେତା ମାନ୍ୟବର ଶ୍ରୀନିବାସ ଶାସ୍ତ୍ରୀ ଅଳ୍ପ ଦିନରେ ପୁନାରୁ ଆସି ବମ୍ବେରେ ପହଞ୍ଚିଲେ । ସାମ୍ବାଦିକ ଯାଇ ଦେଖା କରିବାରୁ ସେ ରାଜନୈତିକ ପରିସ୍ଥିତି ବିଷୟରେ କିଛି କହିବାକୁ ନାସ୍ତି କରିଦେଲେ ।

ସ୍ତ୍ରୀହତ୍ୟା ମକଦ୍ଦମା
ଆସାମୀ ସେସନ ସୁପର୍ଦ୍ଦ ହେଲା

ଆଲିପୁର, ୧୪।୧।୩୫

ଧନପତି ରାୟ ଅର୍ଦ୍ଧସ୍କୁଲର ଛାତ୍ର ମନୋହର ଲାଲକୁ ହତ୍ୟା କରିଥିବା ଅପରାଧରେ ଭୂତପୂର୍ବ ଆସେମ୍ବ୍ଲି ମେମ୍ବର ସାର ... ପୁଅ ଅଜାଜ ଅହମଦ ... ଇଣ୍ଡିଆନ ପିନାଲ କୋଡର ୩୦୨ ଦଫାରେ ସେସନ ସୁପର୍ଦ୍ଦ କରାଗଲେ । ସେ ଗତ ଡିସେମ୍ବର ୧୦ ତାରିଖ ଦିନ ମନୋହର ଲାଲକୁ ଗୁଳିରେ ... ଦେଇଥିଲେ ବୋଲି ଧରା ହୋଇଥିଲେ ।

ଲାଟଙ୍କୁ ଜବାବ
ଅନୁଗ୍ରହ ଭିକ୍ଷା କରିବାକୁ ଆମେ ଚାହୁଁନା

ପାଟଣା, ତା ୧୪।୧।୩୫

ବିହାର କାର୍ଯ୍ୟକାରୀ ଲାଟ ହ୍ୱଇଟ ସାହେବ ଉପରୋକ୍ତ ସପ୍ତାହରେ ଗୟାଠାରେ ଏକ ବକ୍ତୃତା ଦେଇଥିଲେ । କଂଗ୍ରେସ ସଭାପତି ବାବୁ ରାଜେନ୍ଦ୍ରପ୍ରସାଦ ସର୍ଚ୍ଚଲାଇଟ କାଗଜରେ ତାହାର ଏକ ଜୋରଦାର ଜବାବ ଦେଇଛନ୍ତି । ରାଜେନ୍ଦ୍ର ବାବୁ ଲେଖିଛନ୍ତି—

ଲାଟସାହେବ ଭୁଲ ଯାଉଛନ୍ତି ଯେ ସେ ଯାହାକୁ ସୁଶାସନ ବୋଲି ବର୍ଣ୍ଣନା କରୁଛନ୍ତି ଭାରତ ଲୋକେ ତାକୁ ସେହି ଦୃଷ୍ଟିରେ ଦେଖୁ ନାହାନ୍ତି । ସରକାରଙ୍କ କାର୍ଯ୍ୟ ଏବଂ ଆଇନର ଫଳ ଯାହା ହେଉଛି ତାକୁ ଭାରତୀୟମାନେହିଁ ଅଙ୍ଗରେ ଅନୁଭବ କରୁଛନ୍ତି । ସୁତରାଂ ତାହା ଭଲ କି ମନ୍ଦ ଏକଥା ବିଚାର କରିବା ଅଧିକାର ଭାରତୀୟମାନଙ୍କରହିଁ ଅଛି ।

ଆମେ ଏପରି ଅନୁଗ୍ରହ ଭିକ୍ଷା କରିବାକୁ ଅସମ୍ମାନଜନକ ବୋଧକରୁ । ଅବଶ୍ୟ ମୁଁ ସ୍ୱୀକାର କରୁଛି ଏପରି ଅନେକ ଇଂରେଜ ଥିଲେ ଏବଂ ଅଛନ୍ତି ଯେଉଁମାନଙ୍କର ପ୍ରକୃତ ସାଧୁ ବିଶ୍ୱାସ ଯେ ସେମାନେ ଆମ ଉପକାର ପାଇଁ ଏ ଦେଶକୁ ଆସି ନଥିଲେ ଆମ ଦେଶ ଅରାଜକତା ଏବଂ ବିଶୃଙ୍ଖଳାରେ ... ହୋଇ ଧ୍ୱଂସ ପାଇ ଯାଇଥାନ୍ତା । ମାତ୍ର ମୁଁ ସାଧୁଭାବରେ ସେମାନଙ୍କୁ କହୁଛି ଇଂରେଜମାନଙ୍କର ଏ ଦାବି ଆମେ ସ୍ୱୀକାର କରୁନାହୁଁ । ଇଂରେଜମାନେ ଭାରତକୁ ଆସିବା ପୂର୍ବରୁ ଏ ଦେଶ ପୃଥିବୀର ଅନ୍ୟାନ୍ୟ ଦେଶମାନଙ୍କଠାରୁ ଶିଳ୍ପ ବାଣିଜ୍ୟ ଜ୍ଞାନ ... ଯାତାୟାତ ଶାନ୍ତି ମର୍ଯ୍ୟାଦା ଓ ଗୌରବ ପ୍ରଭୃତି ... କୌଣସି ଅଂଶରେ ପଛରେ ନଥିଲା । ସେହି ବର୍ବରତା ଏବଂ ଅରାଜକତା କଥା ଏବେ କୃତ୍ରିମ ବୋଲି ପ୍ରମାଣ ହେଉଛି । ପକ୍ଷରେ ଯଦି ଭାରତ ସେହି ଅବସ୍ଥାରେ ଥାନ୍ତା ତେବେ ଏଥିରୁ ଉନ୍ନତ ଏବଂ ... ସମୃଦ୍ଧ ହୋଇଥାନ୍ତା କି ?

ଦେଢ଼ଶହ ବର୍ଷ ଧରି ବ୍ରିଟିଶ ଶାସନ ପରେ ଭାରତୀୟମାନେ ନିଜ ଦେଶର ଶାସନ ବ୍ୟବସ୍ଥା ନିଜେ କରିବାକୁ ସମର୍ଥ ନୁହନ୍ତି ବୋଲି କହିବା ସେହି ବ୍ରିଟିଶ ଶିକ୍ଷା ସଭ୍ୟତାର ଉତ୍କୃଷ୍ଟତମ ନିନ୍ଦାବାଦ ନହେ କି ? ଦୁଃଖର କଥା ଭାରତ ଶାସନର ଇଂରେଜ କର୍ତ୍ତାମାନେ ଏକଥା ହୃଦୟଙ୍ଗମ କରିପାରୁନାହାନ୍ତି ।

ଆମେ ଆମ ନିଜକୁ ଶାସନ କରିବାର କ୍ଷମତା ଚାହୁଁ । ମାତ୍ର ଏ କ୍ଷମତା ଜଏଣ୍ଟ କମିଟି ରିପୋର୍ଟ ଆମମାନଙ୍କୁ ଦେଉନାହିଁ । ସେଥିପାଇଁ ଆମେ ଯାହା ଚାହୁଁ ଆମେ ଏହା ଚାହୁଁନା । ଆମେ ନିଜ କ୍ଷମତା ନିଜେ ହାସଲ କରିପାରିବାଯାଏ ଅପେକ୍ଷା କରିବାକୁ ପ୍ରସ୍ତୁତ ଅଛୁ । ଯେଉଁ କ୍ଷମତା ଆମକୁ ଦିଆଯାଉନାହିଁ ବୋଲି ଆମେ ସ୍ପଷ୍ଟ ଜାଣୁଛୁ ସେ କ୍ଷମତା ଆମେ ପାଉଛୁ ବୋଲି ଧମକ ଚମକ ଦେଖାଇ କହିଲେ ଆମେ ସେଥିରେ ମୁଣ୍ଡ ପୋତି ହଁ ଭରି ଦେଇପାରୁ ନାହୁଁ । ଜଏଣ୍ଟ କମିଟି ରିପୋର୍ଟର ପ୍ରତି ଛତ୍ରେ ଛତ୍ରେ ଭାରତୀୟମାନଙ୍କ ପ୍ରତି ସନ୍ଦେହ ଏବଂ ଅବିଶ୍ୱାସ ସ୍ପଷ୍ଟ ରହିଛି । ସେଥିରେ ପ୍ରତି ପଂକ୍ତିରେ ଲୁଚାଯାଇଛି ଯେ ନିଜ ଦେଶ ଶାସନ କରିବା ପାଇଁ ଭାରତୀୟମାନଙ୍କର ଶକ୍ତି ସାମର୍ଥ୍ୟ ନାହିଁ ଏବଂ ବ୍ରିଟିଶମାନେ ସେମାନଙ୍କ ରକ୍ଷା କରିବା ପାଇଁ ସବୁବେଳେ ଏ ଦେଶରେ ରହିବା ଦରକାର । ଯେ ଯେତେ ସାଧୁ ବିଶ୍ୱାସରେ ଯେତେ ଜୋରରେ ଓ ନରମ ଭାଷାରେ କହନ୍ତୁ ପଛେ ଏ ସତ୍ୟକୁ କେହି ଖଣ୍ଡନ କରିପାରିବେ ନାହିଁ ।

କଂଗ୍ରେସ ସେକ୍ରେଟାରୀଙ୍କ ଇସ୍ତଫା
ନିଖିଳ ଭାରତ କଂଗ୍ରେସ କମିଟୀକୁ ନିର୍ବାଚିତ ହୋଇ ପାରିଲେ ନାହିଁ

ଏଲାହାବାଦ ତା ୧୪।୧।୩୫

ନିଖିଳ ଭାରତ କଂଗ୍ରେସ କମିଟି ମେମ୍ବରରୂପେ ନିର୍ବାଚିତ ହୋଇ ନ ପାରିବାରୁ କଂଗ୍ରେସର ସାଧାରଣ ସମ୍ପାଦକ ଆଚାର୍ଯ୍ୟ କୃପାଲାନି ଇସ୍ତଫା ଦେଇଛନ୍ତି ।

ପୁରୀ ମ୍ୟୁନିସିପାଲିଟିର ଗଣ୍ଡଗୋଳ
ଭାଇସଚେୟାରମେନ ବାବୁ ହରିଚରଣ ମହାନ୍ତିଙ୍କ ଜେରା ଜମାନବନ୍ଦୀ
ମୋର କର୍ତ୍ତବ୍ୟରେ ମୁଁ ଅବହେଳା କରିଛି

ପୁରୀ, ତା ୧୪।୧।୩୫

ପୁରୀ ମ୍ୟୁନିସିପାଲିଟିର ହେଲ୍‌ଥ ଦାରୋଗା ନାରାୟଣ ମିଶ୍ରଙ୍କ ନାମରେ ହୋଇଥିବା ତହବିଲ ତୋସରୂପ ମକଦ୍ଦମାରେ ଭାଇସଚେୟାରମେନ ବାବୁ ହରିଚରଣ ମହାନ୍ତି ଜେରା ଜବାବରେ ନିମ୍ନଲିଖିତ ଭାବରେ କହିଲେ—

"ଚେୟାରର ଚେକ ଏବଂ ଅଡ଼ର ଚେକ ଭିତରେ କଣ ଫରକ ମୁଁ ଜାଣେ ନାହିଁ । ଗ୍ଲାସ୍ପ ହିସାବ ପରୀକ୍ଷକଙ୍କର ପରିଦର୍ଶନ ମନ୍ତବ୍ୟ ମୁଁ ଦେଖିଛି । ନିୟମରେ ଅଛି ଯେ ସପ୍ତାହରେ ଥରେ ହିସାବ ପରୀକ୍ଷା କରି ମୋର ଦସ୍ତଖତ କରିବାର କଥା । ତା କରି ମୁଁ ମୋର କର୍ତ୍ତବ୍ୟରେ ହେଳା କରିଛି ଏ କଥା ମୁଁ ମାନୁଛି । ୧୩।୩।୩୪ ତାରିଖରେ ମୁଁ ଦେଖିଲି ଯେ ୪ଟି ଚେକର ଟଙ୍କା ତୋସରୂପ ହୋଇଛି । ଗୋଟିଏ ଟ ୧୪।/, ଗୋଟିଏ ଟ ୫୯୮, ଗୋଟିଏ ଟ ୨୫।୨ ଏବଂ ଅନ୍ୟ ଗୋଟିଏ ଟ ୨୪୮/୨ ଶେଷ ଚେକଟି ବ୍ୟାଙ୍କରୁ ମିଳୁ ନାହିଁ । ପୁରୀ କେନ୍ଦ୍ର କୋ-ଅପରେଟିଭ ବ୍ୟାଙ୍କରୁ ଯେ ଉପରୋକ୍ତ ପାଇଛି ସେଥିରୁ ମୁଁ ଏକଥା ଜାଣି ପାରିଲି । ଚେୟାରମେନ ଏବଂ ମୁଁ ଦୁହେଁ ମିଶି ଧରିଲୁ । ଏ ଚେକଗୁଡ଼ିକ ଭିତରୁ କେଉଁ ଗୁଡ଼ିକ ମୋ ନାଁରେ ଏବଂ କେଉଁ ଗୁଡ଼ିକ ଚେୟାରମେନଙ୍କ ନାଁରେ ତାହା ମୁଁ ଦେଖୁ ନାହିଁ । ତହବିଲ ତୋସରୂପ ୨ ମାସ ପରେ ମୁଁ ଏ ଚେକ ସବୁ ଦସ୍ତଖତ କରିଥିଲି କି ନାହିଁ ସେ କଥା ତଦନ୍ତ ହେଲେ ମୋର ସ୍ମରଣ ନଥିବ କି ବର୍ତ୍ତମାନ ସ୍ମରଣ ହୁଏ ନାହିଁ । ଏ ଅଫିସକୁ ଯେ ଚେକ କେତେବେଳେ ଆସିଲା ତାହା ମୋର ମନେ ନାହିଁ । ସେ ସବୁ ଚେକ ଅଫିସକୁ ଆସିଲା ପରେ କେତେଦିନ ଅଫିସରେ ଥିଲା ସେ କଥା ବର୍ତ୍ତମାନ ମଧ୍ୟ ମୋର ମନେ ପଡ଼ୁନାହିଁ । ଚେୟାରମେନ କମ୍ପା ମୋ ପାଖକୁ କୌଣସି ଚେକ ଆସିଲେ ତାକୁ ଅଫିସକୁ ପଠାଇ ଦେବାର କଥା ଏହା ମୁଁ ଜାଣେ । ଚେକ ସାଙ୍ଗରେ ଯେ ସବୁ ଚିଠି ଆସେ ତାହା ସବୁ ଚିଠି ରେଜେଷ୍ଟ୍ରୀର ଚେକ ... ପୂରଣ ହୁଏ ତାହା ମୁଁ କହି ପାରିବି ନାହିଁ । ଏସବୁ ଚିଠି ରେଜେଷ୍ଟ୍ରୀ ଭୁକ୍ତ ହେଲା ପରେ ଚେକ ସବୁ ହେଲ୍‌ଥ ଦାରୋଗା ପାଖକୁ ପଠାଯିବ ଏବଂ ସେ ମୋ ଦସ୍ତଖତ ପାଇଁ ମୋ ଆଗରେ ପେସ କରନ୍ତି । ମୋ ନାଁରେ ଯେସବୁ ଚେକ ଆସିଥାଏ ସେ ସବୁ ମୋ ଦସ୍ତଖତ ପାଇଁ ମୋ ଆଗେ ପେସ ହୁଏ । ଯେଉଁସବୁ ଚେୟାରମେନଙ୍କ ନାଁରେ ଯେ ଚେକ ଥାଏ ସେ ତାଙ୍କ ଆଗେ ପେସ ହୁଏ । ୧୩।୩।୩୪ ତାରିଖରେ ଯେଉଁ ଦିନ ତୋସରୂପ ଧରାହେଲା ସେଦିନ ଅଫିସରେ ଅଫିସକୁ ଆସୁଥିବା ଚିଠି ଦରଜ ହେବାପାଇଁ ଗୋଟିଏ ରେଜେଷ୍ଟ୍ରୀ ଥିବା ମୋତେ ମାଲୁମ ଥିଲା । ସେତେବେଳେ ଏ ସବୁ ଚେକ ବିଷୟ ତଦନ୍ତ କରିବା ପାଇଁ ସେ ରେଜେଷ୍ଟ୍ରୀ ଦେଖିବାକୁ ଚେୟାରମେନଙ୍କୁ ସୂଚନା ଦେବାପାଇଁ ମୋର ମନେନାହିଁ । ମୁଁ ଜାଣି ଶୁଣି ସେ ରେଜେଷ୍ଟ୍ରୀ ତଲବ କରିନାହିଁ ଏ କଥା ସତ ନୁହେଁ । ଟ ୨୭।/ର ଚେକଟି ୩।୧।୩୪ରେ ମିଳିଥିବ ଏବଂ ଟ ୨୪୮/୨ର ଚେକଟି ୧।୨।୩୪ରେ ମିଳିଥିବ । ଏ ଯୋଉକଥାକ ୧୫।୨।୩୪ରେ ଦାରୋଗାଙ୍କ ପାଖରୁ ପଠା ହୋଇଥିବ ଏବଂ ସେହିଦିନ ସେ ପାଇଥିଲେ । ମ୍ୟୁନିସିପାଲିଟି ସଂକ୍ରାନ୍ତ ସଂସାରେ ମୁଁ କୌଣସି ଡାଏରୀ ବା ନୋଟ ରଖେନାହିଁ । ଏ ୩୪ ଚେକ କେବେ ମୋ ପାଖକୁ ଆସିଥିଲା ସେ କଥା ସ୍ପଷ୍ଟ ଭାବରେ ମୋର ସ୍ମରଣ ନାହିଁ । ବ୍ୟାଙ୍କରୁ ଯେ ଉପରୋକ୍ତ ଚିଠି ସେଥିରୁ ଜଣା ଯାଉଛି ଯେ ୩।୩।୩୪ରେ ଏ ଚେକ ଗୁଡ଼ିକ ଭଙ୍ଗା ହୋଇଥିଲା । ୯, ୩, ୭, ୮, ୯, ଦଫାମାନଙ୍କ ଭିତରେ ଯେ ସବୁ ନୋଟ କରି ହୋଇଛି ତାହା ମୁଁ ୧୩।୩।୩୪ରେ କରିଥିଲି । ବ୍ୟାଙ୍କବୁକ ସଙ୍ଗେ ନ ମିଳେଇ ମୁଁ ଏହାସବୁ କରିଥିଲି । ମୋ ଆଦେଶରେ ଏକାଉଣ୍ଟାଣ୍ଟ ସେ ସବୁ ମିଳେଇ ଦେଖିଲେ ଏବଂ ତାଙ୍କ କହିବା ଅନୁସାରେ ମୁଁ ଏସବୁ ନୋଟ କଲି । ୨ ଏବଂ ୫ଦଫା ପାଖରେ "ଟଙ୍କା ଦାଖଲ ହୋଇନାହିଁ ।" ଏକଥା ଏକାଉଣ୍ଟାଣ୍ଟ ପେନସିଲରେ ଲେଖିଛନ୍ତି । ଏ ନୋଟ ତଳେ ଯେ ସଂକ୍ଷେପ ଦସ୍ତଖତ ଅଛି ସେ ତାଙ୍କର କି ନୁହେଁ ମୁଁ କହିପାରିବି ନାହିଁ । ମୁଁ ଅନ୍ୟ ନୋଟ ଦଫାପରେ ସେ ... ନୋଟ କଲେ ସେ ବିଷୟରେ ମୁଁ କିଛି କୈଫିୟତ ଦେଇ ପାରିବି ନାହିଁ । ୩।୩।୩୪ରେ ମୁଁ ଯେତେବେଳେ ବ୍ୟାଙ୍କବୁକ ଦସ୍ତଖତ କଲି ସେତେବେଳେ ଏ ୫ଟା ଚେକର ଟଙ୍କା ଦାଖଲ ହୋଇ ନଥିବା କଥା ମୁଁ ଧରି ପାରି ନଥିଲି । ତା ପୂର୍ବରୁ କେତେଦିନ ଭିତରେ ମୁଁ ଚେକ ଦସ୍ତଖତ କରିଥିବ ଏକଥା ମୋ ମନକୁ ଆସିନାହିଁ । କାରଣ ସେ ଦିନର ବ୍ୟାଙ୍କବୁକରେ ... ସଂଖ୍ୟା ରେଜେଷ୍ଟ୍ରୀ ସହିତ ମୁଁ ... ଦେଖି ନାହିଁ । ମୁଁ ବ୍ୟାଙ୍କବୁକ ଦସ୍ତଖତ କରିବାବେଳେ ଏସବୁ ... କରି ନାହିଁ । ସେ ସବୁ ଟଙ୍କା ଦାଖଲ ହୋଇଛି କି ନାହିଁ ତାହା ... ମୁଁ ତଦନ୍ତ କରି ନଥିଲି ସେଥିପାଇଁ କିଛି କୈଫିୟତ ମୁଁ ଦେଇ ପାରିବି ନାହିଁ । ଯେ ଟଙ୍କା ମୋ ପାଖରେ ଥିଲା ଏବଂ ସେଥିପାଇଁ ମୁଁ ... କରି ନାହିଁ ଏକଥା ସତ ନୁହେଁ । ଭାଇସଚେୟାରମେନ ଥିବାବେଳେ ମୋ ଜାଗାରେ ମ୍ୟୁନିସିପାଲିଟି ସଂକ୍ରାନ୍ତ ... ରଖୁଥିଲି । ... ୩।୩।୩୪ ... ପର୍ଯ୍ୟନ୍ତ ଏସବୁ ଚେକ ... ଥିଲା ସେ କଥା ମୁଁ ... କହିପାରିବି ନାହିଁ । ... ଟଙ୍କାର ଚେକଟି ୨୨।୧୨।୩୩ ତାରିଖରେ ମିଳିଥିଲା ଏବଂ ୨୭।୧।୩୪ ... ହୋଇଥିଲା । ଏ ଚେକ ମୋ ପାଖରୁ ଅଫିସକୁ ... ଗଲା କି ନାହିଁ ମୁଁ କହି ପାରିବି ନାହିଁ । ଚେୟାରମେନ ହେଡକ୍ୱାର୍ଟରରେ ଥିବାବେଳେ ତାଙ୍କ ଠାରୁ ବା ଭାଇସଚେୟାରମେନଙ୍କ ଠାରୁ ଯେତେ ଚିଠି ଆସେ ସେସବୁ ସେ ଖୋଲନ୍ତି । ସେ କହିଲେ ମୁଁ ଖୋଲେ । ମୁଁ ଏ ଚେକ ଏବଂ ଏଥିସାଙ୍ଗେ ଥିବା ଚିଠି ପାଇଥିଲି । ଚିଠିଟି ଅଫିସକୁ ପଠାଇ ଦେଲି, ଚେକଟି ଦାରୋଗାକୁ ଦେଇଥିବି ଏବଂ ସେ ସେ ଟଙ୍କା ଭଙ୍ଗାଇ ମୋତେ ଦେଇଥିବେ ଏକଥା ସତ ନୁହେଁ । ବର୍ତ୍ତମାନ ମଧ୍ୟ ଚିଠି ରେଜେଷ୍ଟ୍ରୀ ଦେଖି ଏ ଚିଠି ମୁଁ ପାଇଥିଲି କି ନାହିଁ କହି ପାରିବି ନାହିଁ । ଅଫିସରୁ ଚିଠି ପଠାଇଥିବେ ମୁଁ କୌଣସି ଭାବ କହିଲେ ଲେଖି ରଖେ ନାହିଁ । ଟ ୨୮।ର ଚେକଟି ଏବଂ ଟ ୧୬୬ର ଚେକଟି ମୁଁ ନିଜେ ଆସାମୀକୁ ଦେଇଥିଲି ଏବଂ ସେ ଭଙ୍ଗାଇ ଟଙ୍କା ମୋତେ ଦେଇଥିଲା ଏକଥା ସତ ନହେ । ମୁଁ ଆଗରୁ କହିଛି ଯେ ମାର୍ଚ୍ଚ ୫ ତାରିଖ ଦିନ ବ୍ୟାଙ୍କବୁକ ଦସ୍ତଖତ କଲାବେଳେ ମୁଁ ଦଫାଓ୍ୱାରି ଯାଞ୍ଚ କରି ଦେଖିନାହିଁ ।"

(କ୍ରମଶଃ)

ସ୍ୱଦେଶୀ ପ୍ରଦର୍ଶନୀ
ବାବୁ ରାଜେନ୍ଦ୍ର ପ୍ରସାଦ ଉଦ୍‌ଘାଟନ କରିବେ

ଏଲାହାବାଦ ତା ୧୪।୧।୩୫

ଏଠାରେ ଆସନ୍ତା ଫେବୃୟାରୀ ୭ତାରିଖ ଦିନ ଏକ ସ୍ୱଦେଶୀ ପ୍ରଦର୍ଶନୀ ଖୋଲିବ । କଂଗ୍ରେସ ସଭାପତି ବାବୁ ରାଜେନ୍ଦ୍ର ପ୍ରସାଦ ଏ ପ୍ରଦର୍ଶନୀ ଉଦ୍‌ଘାଟନ କରିବେ । ଫେବୃୟାରୀ ୮ ତାରିଖ ଦିନ ରାଜେନ୍ଦ୍ର ବାବୁ ମହାଳକ୍ଷ୍ମୀ ... ବାର୍ଷିକ ... ଉତ୍ସବରେ ସଭାପତି ମଧ୍ୟ ହେବେ ।